# ଅଧ୍ୟାୟ ୧୩
# ଗୁଣାତ୍ମକତା ରକ୍ଷା ପାଇଁ ବୈଷୟିକ ସମ୍ବଳ ସହାୟତା

ଆର୍.ଇ.ଜି.ଏସ୍.କୁ କାର୍ଯ୍ୟରୂପ ଦେବା ଏକ ବହୁମୁଖୀ ପ୍ରଚେଷ୍ଟା, ଯାହାକି ବହୁ ସଂସ୍ଥାମାନଙ୍କର ସଯତ୍ନ ପ୍ରୟାସ ଆବଶ୍ୟକ କରିଥାଏ । ଏହାର କାର୍ଯ୍ୟାନ୍ୱୟନର ସମସ୍ତ କ୍ଷେତ୍ରରେ ଗୁଣାତ୍ମକତାକୁ ସୁନିଶ୍ଚିତ କରିବା ଏକ ପ୍ରମୁଖ ବିଷୟ ।

## ୧୩.୧ ବୈଷୟିକ ସମ୍ବଳ ନେଟ୍‌ୱାର୍କ

୧୩.୧.୧ କେନ୍ଦ୍ରୀୟ ପରିଷଦର ଅଙ୍ଗବିଶେଷ ରୂପେ ଗ୍ରାମାଞ୍ଚଳ ବିକାଶ ମନ୍ତ୍ରଣାଳୟରେ ଗଢା ହୋଇଥିବା ଏକ ବୈଷୟିକ ସଚିବମଣ୍ଡଳୀ କେନ୍ଦ୍ରୀୟ ସ୍ତରରେ ବୈଷୟିକ ସମ୍ବଳସମୂହର ସଂଚାରଣକୁ ସହଜସାଧ୍ୟ କରିବ ଯାହା ଫଳରେ କେନ୍ଦ୍ରୀୟ ସ୍ତରରେ ସୂଚନା ସରବରାହ ବ୍ୟବସ୍ଥାସମୂହର ନିର୍ମାଣ, ଆଇ.ଇ.ସି. (ସୂଚନା, ପ୍ରଶିକ୍ଷଣ ଏବଂ ପ୍ରସାରଣ) ସମ୍ବଳସମୂହର ପ୍ରସ୍ତୁତି, ଗୁଣାତ୍ମକ ମାନଦଣ୍ଡର ନଜିର୍ ପ୍ରଦର୍ଶନ, ତଦାରଖ ଓ ମୂଲ୍ୟାୟନ ତଥା ସାମାଜିକ ସମୀକ୍ଷା ପଦ୍ଧତିସମୂହର ସମୀକ୍ଷଣ ସହାୟତା ଲାଭ କରି ପାରିବ ।

ରାଜ୍ୟ ସରକାର ବିଶେଷତଃ ଜିଲ୍ଲା ସ୍ତରରେ କାର୍ଯ୍ୟନିର୍ବାହୀ ସଂସ୍ଥାମାନଙ୍କୁ ବୈଷୟିକ ସମ୍ବଳ ସହାୟତା ପ୍ରଦାନ ପାଇଁ ସହାୟକର ଭୂମିକା ଅବଲମ୍ବନ କରି ପାରନ୍ତି । ଏଥିପାଇଁ ସେ ନିମ୍ନୋକ୍ତ ପଦକ୍ଷେପମାନ ଗ୍ରହଣ କରିପାରନ୍ତି-

## ୧୩.୨ ସ୍ୱୀକୃତିପ୍ରାପ୍ତ ଯନ୍ତ୍ରୀ (ଇଞ୍ଜିନିୟର୍)ଗଣ

୧୩.୨.୧ କାର୍ଯ୍ୟସମୂହର ଅଟକଳ ପ୍ରସ୍ତୁତି ଏବଂ ମାପଚୁପ୍ ବ୍ୟାପାରରେ ସହାୟତା ଯୋଗାଇଦେବା ପାଇଁ ରାଜ୍ୟ ସରକାର ଜିଲ୍ଲା ଓ ବ୍ଲକ୍ ସ୍ତରରେ ଯନ୍ତ୍ରୀ(ଇଞ୍ଜିନିଅର୍)ଗଣଙ୍କୁ ନେଇ କେତେକ ଗୋଷ୍ଠୀ ଗଠନ କରିପାରନ୍ତି ।

୧୩.୨.୨ ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ, କାର୍ଯ୍ୟକ୍ରମ ଅଧିକାରୀ, ପଞ୍ଚାୟତିରାଜ ସଂସ୍ଥାସମୂହ ଏବଂ ଅନ୍ୟ କାର୍ଯ୍ୟକାରକ ସଂସ୍ଥାମାନେ କୌଣସି ଏନ୍.ଆର୍.ଇ.ଜି.ଏସ୍. କାର୍ଯ୍ୟକ୍ରମ ପାଇଁ ସ୍ୱୀକୃତିପ୍ରାପ୍ତ ଇଞ୍ଜିନିଅର୍‌ମାନଙ୍କ ଭିତରୁ ନିଜ ପସନ୍ଦ ମୁତାବକ କୌଣସି ଇଞ୍ଜିନିଅର୍‌ଙ୍କ ସେବା ହାସଲ କରିପାରନ୍ତି ।

୧୩.୨.୩ ରାଜ୍ୟ ସରକାର ସ୍ୱୀକୃତିପ୍ରାପ୍ତ ଇଞ୍ଜିନିଅର୍‌ମାନଙ୍କ ସର୍ବନିମ୍ନ ଯୋଗ୍ୟତା ସହିତ ସ୍ୱୀକୃତି ପ୍ରଦାନ ଏବଂ ଏତାଦୃଶ ସ୍ୱୀକୃତିର ରଦ୍ଦୀକରଣର ପ୍ରକ୍ରିୟା ବିହିତ କରାଇବେ ।

୧୩.୨.୪ ଯେଉଁସ୍ଥଳେ ସ୍ୱୀକୃତିପ୍ରାପ୍ତ ଇଞ୍ଜିନିଅର୍‌ମାନେ ସରକାରୀ କର୍ମଚାରୀ ନୁହଁନ୍ତି, ସେପରି ସ୍ଥଳେ ସେମାନଙ୍କୁ କେଉଁ ହାରରେ ଅର୍ଥରାଶି ପଇଠ କରାଯିବ, ତାହା ରାଜ୍ୟ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ହେବ ।

## ୧୩.୩ ବୈଷୟିକ ସମ୍ବଳ ବ୍ୟବସ୍ଥାସମୂହ

ରାଜ୍ୟ ସରକାର ନିଜେ ଗ୍ରହଣ କରୁଥିବା ବିଭିନ୍ନ ପଦକ୍ଷେପଗୁଡିକ ପାଇଁ ଯୋଜନା ପ୍ରଣୟନ, ନକ୍ସା ପ୍ରସ୍ତୁତି, ତଦାରଖ, ମୂଲ୍ୟାୟନ ଏବଂ ଗୁଣାତ୍ମକ ସମୀକ୍ଷା ବ୍ୟାପାରରେ ସହାୟତା ପ୍ରଦାନ ସକାଶେ ରାଜ୍ୟ ଓ ଜିଲ୍ଲା ସ୍ତରରେ ବୈଷୟିକ ସମ୍ବଳ ସହାୟତା ବ୍ୟବସ୍ଥାମାନ ସ୍ଥାନିତ କରିବା ଦିଗରେ ପ୍ରୟାସ କରିପାରନ୍ତି । ଏହି ଉଦ୍ଦେଶ୍ୟରେ ସଂପୃକ୍ତ ରାଜ୍ୟ ସରକାର ସମ୍ବଳ-ସମୃଦ୍ଧ ପ୍ରତିଷ୍ଠାନଗୁଡିକୁ ଚିହ୍ନଟ କରିପାରନ୍ତି । ବୈଷୟିକ ସମ୍ବଳ ସହାୟତା ପାଇଁ ବିଭିନ୍ନ ପ୍ରତିଷ୍ଠାନ ଏବଂ ସଂସ୍ଥାମାନଙ୍କର ଏକ ତାଲିକା ପ୍ରସ୍ତୁତ କରା ଯାଇପାରେ ।

୧୩.୩.୧ **ରାଜ୍ୟ/ଜିଲ୍ଲା ସ୍ତର ପାଇଁ ଚିହ୍ନିତ ପ୍ରତିଷ୍ଠାନମାନଙ୍କର କାର୍ଯ୍ୟାବଳୀ ନିମ୍ନମତେ ହେବ:**

(ଏ) ରାଜ୍ୟ ପାଇଁ ତଥା ଏହାର ଭିନ୍ନ ଭିନ୍ନ ଜଳବାୟୁ-ମଣ୍ଡଳ ପାଇଁ ଯଥୋଚିତ ମନେ ହେଉଥିବା ଜଳ ସଂରକ୍ଷଣ, ଜଳ ଅମଳ, ମରୁଡ଼ି ନିରାକରଣ, ବନ୍ୟା ନିୟନ୍ତ୍ରଣ, ଗ୍ରାମାଞ୍ଚଳରେ ସର୍ବ-ଋତୁ ସଂଯୋଗୀକରଣ ଏବଂ ଆଇନ୍ ଅନୁମୋଦିତ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ଫଳପ୍ରଦ ଶ୍ରମ-ସଘନ ପ୍ରଯୁକ୍ତି କୌଶଳଗୁଡ଼ିକୁ ଚିହ୍ନଟ କରିବା ।

(ବି) ଅଟକଳ ପଦ୍ଧତିଗୁଡ଼ିକୁ ମାନକୀକରଣ (ଷ୍ଟାଣ୍ଡାର୍ଡାଇଜ୍) ତଥା ଅଟକଳ ପାଇଁ ସଫ୍ଟୱେର୍ ପ୍ରସ୍ତୁତ କରିବା ।

(ସି) ଯେଉଁ ସବୁ କାର୍ଯ୍ୟମାନ (ଅଥବା ଗୋଟିଏ କାର୍ଯ୍ୟର ଖଣ୍ଡାଂଶମାନ) ବାରମ୍ବାର ସଂପାଦିତ ହେବା ଅବଶ୍ୟମ୍ଭାବୀ, ସେଗୁଡ଼ିକ ପାଇଁ ସାଧାରଣ, ଆଦର୍ଶ ଚିଠା-ଅଟକଳ ପ୍ରସ୍ତୁତ କରିବା ।

(ଡି) ଅଟକଳ ପ୍ରସ୍ତୁତିର ପ୍ରକ୍ରିୟାକୁ ସରଳୀକରଣ ଏବଂ ବି-ରହସ୍ୟୀକରଣ କରିବାକୁ ପଡ଼ିବ, ଯାହା ଫଳରେ କି ପଞ୍ଚାୟତସମୂହ ଏବଂ ଅଣ-ବୈଷୟିକ ବ୍ୟକ୍ତିମାନେ ଛୋଟ ଛୋଟ କାର୍ଯ୍ୟଗୁଡ଼ିକର ଅଟକଳ ପ୍ରସ୍ତୁତ କରିବା, ଶ୍ରମ ଏବଂ ସାମଗ୍ରୀର ଆବଶ୍ୟକତାକୁ ଆକଳନ କରିବା ତଥା ସଂପାଦିତ କାର୍ଯ୍ୟଗୁଡ଼ିକର ମୂଲ୍ୟ ଆକଳନ କରିବା କ୍ଷେତ୍ରରେ ସମର୍ଥ ହୋଇପାରିବେ ।

(ଇ) ଅଟକଳର ପ୍ରକ୍ରିୟାକୁ ବ୍ୟାଖ୍ୟା କରୁଥିବା ତଥା ବୈଷୟିକ କର୍ମୀମାନେ ଉପଯୋଗ କଲାଭଳି କାର୍ଯ୍ୟପଦ୍ଧତିର ରୂପରେଖ ପ୍ରଦାନ କରୁଥିବା ମାର୍ଗଦର୍ଶୀକାମାନ ପ୍ରସ୍ତୁତ କରିବା ।

(ଏଫ୍) ପଞ୍ଚାୟତସମୂହ, ଜନସଜାଗତା ଏବଂ ତଦାରଖ କମିଟିସମୂହ ତଥା ଅଣ-ବୈଷୟିକ ବ୍ୟକ୍ତିମାନଙ୍କ ଦ୍ୱାରା ବ୍ୟବହାର ପାଇଁ ଅଟକଳ ସମ୍ବନ୍ଧରେ ସଫ୍ଟୱେର୍ , ମାର୍ଗଦର୍ଶୀକା, ସୂଚନାପତ୍ର ଓ ସାରଣୀମାନ ପ୍ରସ୍ତୁତ କରିବା ।

(ଜି) ଭିନ୍ନ ଭିନ୍ନ ଧରଣର କାର୍ଯ୍ୟ ପାଇଁ ଗୁଣାତ୍ମକ ମାନଦଣ୍ଡ ସମ୍ବନ୍ଧରେ ପ୍ରସ୍ତାବନା ।

(ଏଚ୍) ଗୁଣାତ୍ମକ ସ୍ଥିତିର ଯାଞ୍ଚ ପାଇଁ 'ଜନଗଣଙ୍କ ମାର୍ଗଦର୍ଶୀକା' ପ୍ରସ୍ତୁତ କରିବା ।

(ଆଇ) ଅଟକଳ ପ୍ରକ୍ରିୟା, ଗୁଣାତ୍ମକ ମାନଦଣ୍ଡ, ଗୁଣ ତଦାରଖ ପ୍ରଣାଳୀସମୂହ ତଥା ଗୁଣାତ୍ମକ ମୂଲ୍ୟାୟନ ପ୍ରଣାଳୀସମୂହ ମଧ୍ୟରେ ସମରୂପତା ଏବଂ ସଂଗତିଶୀଳତା ରକ୍ଷା ପାଇଁ ରାଜ୍ୟ/ ଜିଲ୍ଲା ସ୍ତରୀୟ ବୈଷୟିକ ସମନ୍ୱୟକାରୀ ସଂସ୍ଥାମାନଙ୍କୁ ସଂଯୋଜନା ଓ ପ୍ରଶିକ୍ଷିତ କରିବା ।

(ଜେ) ନମୂନା ସ୍ୱରୂପ ବିଭିନ୍ନ ଜିଲ୍ଲାରେ ଗୁଣାତ୍ମକ ସମୀକ୍ଷା ଆୟୋଜନ କରିବା ଏବଂ ସେଗୁଡ଼ିକର ବିବରଣୀ କେନ୍ଦ୍ର ସରକାର, ରାଜ୍ୟ ସରକାର ଏବଂ ସଂପୃକ୍ତ ଜିଲ୍ଲା ପଞ୍ଚାୟତମାନଙ୍କ ନିକଟକୁ ପଠାଇବା ।

(କେ) ଗୁଣାତ୍ମକ ଦୃଷ୍ଟିରୁ ପରିଲକ୍ଷିତ ଅଭାବଗୁଡ଼ିକୁ ଦୂର କରିବା ତଥା ଗୁଣାତ୍ମକ ମାନଦଣ୍ଡର ଅଭିବୃଦ୍ଧି ଘଟାଇବା ପାଇଁ ଉଦ୍ଦିଷ୍ଟ ବିଭିନ୍ନ କୌଶଳ ବିଷୟରେ ପରାମର୍ଶ ଦେବା ତଥା ସେଗୁଡ଼ିକର ପ୍ରସ୍ତୁତି କରିବା ।

(ଏଲ୍) ସଂପୃକ୍ତ ରାଜ୍ୟର ସଚିବ (ଗ୍ରାମ ଉନ୍ନୟନ/ଏନ୍.ଆର୍.ଇ.ଜି.ଏ.)ଙ୍କ ଦ୍ୱାରା ଅଥବା ଗ୍ରାମାଞ୍ଚଳ ଉନ୍ନୟନ ମନ୍ତ୍ରଣାଳୟଙ୍କ ଦ୍ୱାରା ନ୍ୟସ୍ତ ହେଉଥିବା ଅନ୍ୟ ଯେକୌଣସି କାର୍ଯ୍ୟ ।

## ୧୩.୪ ଜିଲ୍ଲା ବୈଷୟିକ ସଂସ୍ଥାସମୂହ

୧୩.୪.୧ ଜିଲ୍ଲା ସ୍ତରରେ ଗଠିତ ବୈଷୟିକ ସମ୍ବଳ ସହାୟତା ଗୋଷ୍ଠୀମାନଙ୍କର ସମ୍ଭାବ୍ୟ କାର୍ଯ୍ୟାବଳୀ ଭିତରେ ନିମ୍ନ କାର୍ଯ୍ୟମାନ ଅନ୍ତର୍ଭୁକ୍ତ ହୋଇପାରେ:

(ଏ) ଜିଲ୍ଲାର ଭିନ୍ନ ଭିନ୍ନ ଜଳବାୟୁ-ମଣ୍ଡଳ ପାଇଁ ଯଥୋଚିତ ମନେ ହେଉଥିବା ଜଳ ସଂରକ୍ଷଣ, ଜଳ ଅମଳ, ମରୁଡ଼ି ନିରାକରଣ, ବନ୍ୟା ନିୟନ୍ତ୍ରଣ, ଗ୍ରାମାଞ୍ଚଳରେ ସର୍ବ-ଋତୁ ସଂଯୋଗୀକରଣ ଏବଂ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ଫଳପ୍ରଦ ଶ୍ରମ-ସଘନ ପ୍ରଯୁକ୍ତି କୌଶଳଗୁଡ଼ିକୁ ଚିହ୍ନଟ କରିବା । ଏଗୁଡ଼ିକ ରାଜ୍ୟ ବୈଷୟିକ ସମନ୍ୱୟ ସଂସ୍ଥା ଦ୍ୱାରା ଚିହ୍ନଟ ହୋଇଥିବା କୌଶଳଗୁଡ଼ିକର ପରିପୂରକ ହେବ ।

(ବି) ଅଟକଳ ପଦ୍ଧତିଗୁଡ଼ିକୁ ମାନକୀକରଣ (ଷ୍ଟାଣ୍ଡାର୍ଡାଇଜ୍) କରିବା ତଥା ଅଟକଳ ପାଇଁ ସଫ୍ଟୱେର୍ ପ୍ରସ୍ତୁତ କରିବା, ଯାହାକି ରାଜ୍ୟ ସ୍ତରରେ ପ୍ରସ୍ତୁତ ହୋଇଥିବା ସଫ୍ଟୱେର୍‌ର ପରିପୂରକ ହେଉଥିବ ।

(ସି) ଯେଉଁ ସବୁ କାର୍ଯ୍ୟମାନ (ଅଥବା ଗୋଟିଏ କାର୍ଯ୍ୟର ଖଣ୍ଡାଂଶମାନ) ବାରମ୍ବାର ସଂପାଦିତ ହେବା ଅବଶ୍ୟମ୍ଭାବୀ, ସେଗୁଡିକ ପାଇଁ ସାଧାରଣ, ଆଦର୍ଶ ଚିଠା-ଅଟକଳ ପ୍ରସ୍ତୁତ କରିବା ।

(ଡି) ଅଟକଳ ପ୍ରସ୍ତୁତିର ପ୍ରକ୍ରିୟାକୁ ସରଳୀକରଣ ଏବଂ ବି-ରହସ୍ୟୀକରଣ କରିବାକୁ ପଡିବ, ଯାହା ଫଳରେ କି ପଞ୍ଚାୟତସମୂହ ଏବଂ ଅଣ-ବୈଷୟିକ ବ୍ୟକ୍ତିମାନେ ଛୋଟ ଛୋଟ କାର୍ଯ୍ୟଗୁଡିକର ଅଟକଳ ପ୍ରସ୍ତୁତ କରିବା, ଶ୍ରମ ଏବଂ ସାମଗ୍ରୀର ଆବଶ୍ୟକତାକୁ ଆକଳନ କରିବା ତଥା ସଂପାଦିତ କାର୍ଯ୍ୟଗୁଡିକର ମୂଲ୍ୟ ଆକଳନ କରିବା କ୍ଷେତ୍ରରେ ସମର୍ଥ ହୋଇପାରିବେ ।

(ଇ) ଅଟକଳ ପ୍ରସ୍ତୁତି, ଗୁଣ ନିୟନ୍ତ୍ରଣ ଏବଂ ଗୁଣ ତଦାରଖ କିପରି କରାଯାଏ, ସେ ସମ୍ବନ୍ଧରେ ଜିଲ୍ଲା ସ୍ତରୀୟ ବୈଷୟିକ କର୍ମୀବୃନ୍ଦ, ପଞ୍ଚାୟତିରାଜ ସଂସ୍ଥାମାନଙ୍କର ବୈଷୟିକ କର୍ମୀବୃନ୍ଦ, ପଞ୍ଚାୟତଗୁଡିକର ସଚିବବୃନ୍ଦ, ପଞ୍ଚାୟତିରାଜ ସଂସ୍ଥାମାନଙ୍କର ସଦସ୍ୟବୃନ୍ଦ ତଥା ଜନସଜାଗତା ଓ ତଦାରଖ କମିଟିସମୂହର ସଦସ୍ୟବୃନ୍ଦଙ୍କୁ ପ୍ରଶିକ୍ଷିତ କରିବା ।

(ଏଫ୍) କାର୍ଯ୍ୟର ଗୁଣମାନକୁ ସମୀକ୍ଷା କରିବା ପାଇଁ କ୍ଷିପ୍ର ଆକଳନ ଅନୁଧ୍ୟାନମାନ ଆୟୋଜନ କରିବା ଏବଂ କାର୍ଯ୍ୟସମୂହର ଗୁଣମାନର ଅଭିବୃଦ୍ଧି ପାଇଁ କାର୍ଯ୍ୟକାରକ ସଂସ୍ଥାମାନଙ୍କୁ ଆବଶ୍ୟକୀୟ ବୈଷୟିକ ସହାୟତା ପ୍ରଦାନ କରିବା ।

(ଜି) ସଂପୃକ୍ତ ରାଜ୍ୟର ସଂଯୋଜକ ଅଧିକାରୀ, ସଚୀବ (ଗ୍ରାମ ଉନ୍ନୟନ/ ଏନ୍.ଆର୍.ଇ.ଜି.ଏ.)ଙ୍କ ଦ୍ୱାରା ଅଥବା ଗ୍ରାମାଞ୍ଚଳ ଉନ୍ନୟନ ମନ୍ତ୍ରଣାଳୟଙ୍କ ଦ୍ୱାରା ନ୍ୟସ୍ତ ହେଉଥିବା ଅନ୍ୟ ଯେକୌଣସି କାର୍ଯ୍ୟ ।

## ୧୩.୫ ସୂଚନା ପ୍ରଯୁକ୍ତିକୌଶଳର ଉପଯୋଗ

୧୩.୫.୧ ନିମ୍ନୋକ୍ତ ବିଷୟଗୁଡିକ ସମେତ କ୍ରିୟାନ୍ୱୟନ ପ୍ରକ୍ରିୟାସମୂହରେ କାର୍ଯ୍ୟଦକ୍ଷତା ଏବଂ ସ୍ୱଚ୍ଛତାର ଅଭିବୃଦ୍ଧି ପାଇଁ ସୂଚନା ସମ୍ବନ୍ଧୀତ ପ୍ରଯୁକ୍ତିକୌଶଳକୁ ସକ୍ରିୟ ଭାବେ ଉପଯୋଗ କରିବା ଉଚିତ୍-

(ଏ) ପ୍ରକଳ୍ପ ପ୍ରସ୍ତାବଗୁଡିକର ପ୍ରସ୍ତୁତି ଏବଂ ସଂପାଦନ ;

(ବି) ମଷ୍ଟର୍ ରୋଲ୍ସମୂହ, କାର୍ଯ୍ୟପତ୍ରସମୂହ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଦଲିଲ୍ଗୁଡିକର ଡିଜିଟାଲ୍ ସଂସ୍କରଣ (କମ୍ପ୍ୟୁଟରୀକରଣ) ପ୍ରସ୍ତୁତ କରିବା ;

(ସି) ବିତ୍ତୀୟ ପରିଚାଳନା ପ୍ରଣାଳୀ ;

(ଡି) ସୂଚନା ପ୍ରସାରଣ ଏବଂ ସୂଚନାର ସୁଗମତା ;

(ଇ) ଅଭିଯୋଗ- ପ୍ରତିକାର ବ୍ୟବସ୍ଥାସମୂହ ;

(ଏଫ୍) ତଦାରଖ ଓ ମୂଲ୍ୟାୟନ ;

(ଜି) ଚୟନ କରାଯାଇଥିବା କାର୍ଯ୍ୟସମୂହ, ସମ୍ବଳର ଆବଶ୍ୟକତାସମୂହ, ପଂଜିକୃତପରିବାରସମୂହ, ମଜୁରି ପଇଠ, ପଂଜିକୃତ କାର୍ଯ୍ୟ ଆଶାୟୀ ବ୍ୟକ୍ତିମାନଙ୍କୁ ଯୋଗାଇ ଦିଆଯାଇଥିବା ଶ୍ରମଦିବସ, ବିଭିନ୍ନ ସ୍ତରରେ ହସ୍ତଗତ ହୋଇଥିବା ତଥା ବ୍ୟୟିତ ହୋଇଥିବା ପାଣ୍ଠିସମୂହ ଏବଂ ଏଥି ସହିତ ସଂପର୍କୀତ ବିଷୟମାନ ।

ଏନ୍.ଆର୍.ଇ,ଜି.ଏ.ର କାର୍ଯ୍ୟାନ୍ୱୟନ କ୍ଷେତ୍ରରେ ଆଇ.ଟି. (ସୂଚନା ପ୍ରଯୁକ୍ତିକୌଶଳ)ର ସମ୍ଭାବ୍ୟ ସର୍ବାତ୍ମକ ପ୍ରୟୋଗ ପାଇଁ ପ୍ରୟାସ ଜାରି ରହିବ ଏବଂ ଉପଯୁକ୍ତ ମୋଡ୍ୟୁଲ୍ (ପ୍ରରୂପ ପଦ୍ଧତି)ଗୁଡିକୁ ସମନ୍ୱୀତ କରି ଏକ ସାମଗ୍ରୀକ ପ୍ରଣାଳୀର ବିକାଶ ଘଟାଇବାକୁ ପଡିବ, ଏବଂ ଏହାକୁ ଆବଶ୍ୟକ ମୁତାବକ ନିରନ୍ତର ସଦ୍ୟୀକରଣ କରାଯିବ । (ଦ୍ରଷ୍ଟବ୍ୟ- ସଂଲଗ୍ନ ନଥି ଏ-୫) ।

୧୩.୫.୨ ଏନ୍.ଆର୍.ଇ,ଜି.ଏ. ସଂପର୍କୀତ ସମସ୍ତ ସୂଚନା ଗୋଟିଏ କମ୍ପ୍ୟୁଟର-ଆଧାରିତ ତଥ୍ୟ ଭଣ୍ଡାରରେ ସ୍ଥାନିତ ହୋଇଥିବ ତଥା ସର୍ବସାଧାରଣଙ୍କୁ ଉପଲବ୍ଧ ହୋଇ ପାରୁଥିବ ।

୧୩.୫.୩ ଦେଶର ପ୍ରତି ବ୍ଲକ୍ ସ୍ତରରେ ନିମ୍ନଲିଖିତ ସର୍ବନିମ୍ନ ସୁବିଧାମାନ ଉପଲବ୍ଧ ହେବା ଉଚିତ୍ :

୧. କାର୍ଯ୍ୟକ୍ଷମ କମ୍ପ୍ୟୁଟର୍

୨. ଟେଲିଫୋନ୍ ଲାଇନ୍

୩. ମୋଡେମ୍

୪. ସୂଚନା ବ୍ୟବସ୍ଥା ପରିଚାଳନା (ଏମ୍.ଆଇ.ଏସ୍.)ରେ ତାଲିମ୍‌ପ୍ରାପ୍ତ କର୍ମୀବୃନ୍ଦ

୧୩.୫.୪ ଜିଲ୍ଲା ସ୍ତରରେ କାର୍ଯ୍ୟରତ ଏମ୍.ଆଇ.ଏସ. ପ୍ରୟୋଗକର୍ତ୍ତାମାନଙ୍କ ଭିତରୁ ପ୍ରମୁଖ ଗୋଷ୍ଠୀମାନଙ୍କୁ ବର୍ଷରେ ଅନ୍ତତଃ ୩/୪ଥର ପାଇଁ ଡାକି ଆଣି ଏମ୍.ଆଇ.ଏସ. ଉପରେ ରାଜ୍ୟସ୍ତରରେ ପ୍ରଶିକ୍ଷଣ ଦିଆଯିବା ଉଚିତ୍ । ଦେଶରେ ମୋଟ୍ ୬୦୦୦ ବ୍ଲକ୍ ଥିବାରୁ ଏବଂ ପ୍ରତି ବ୍ଲକ୍‌ରେ ଅନ୍ତତଃ ଦୁଇଜଣ ତାଲିମ୍‌ଧାରୀ କର୍ମୀଙ୍କର ଆବଶ୍ୟକତା ଥିବାରୁ ସର୍ବମୋଟ୍ ଅନ୍ୟୂନ ୧୨୦୦ ଜଣ ବ୍ୟକ୍ତିଙ୍କୁ ତାଲିମ୍ ଦେବାର ଆବଶ୍ୟକତା ରହିଛି ।

୧୩.୫.୫ ନିହାତି ଜରୁରୀ ତଥ୍ୟାବଳୀକୁ ନେଇ ଏକ ତଥ୍ୟଭଣ୍ଡାର ଗଢିତୋଳିବାର ଆବଶ୍ୟକତା ରହିଛି । କେତେକ ତଥ୍ୟ, ଯଥା ଗ୍ରାମ, ବ୍ଲକ୍ ଏବଂ କାର୍ଯ୍ୟପତ୍ରଧାରୀ (ଜବ୍‌କାର୍ଡ ହୋଲ୍‌ଡର୍)ଙ୍କ ନାମ ଆପେକ୍ଷିକ ଭାବେ ଅପରିବର୍ତ୍ତୀତ ରହିଥାଏ । ଏ ପ୍ରକାର ତଥ୍ୟାବଳୀକୁ ନେଇ ମୂଳ ସାରଣୀମାନ (ମାଷ୍ଟର୍ ଟେବୁଲ୍‌ସ୍) ପ୍ରସ୍ତୁତ ହେବା ଉଚିତ୍ । ଏହିସବୁ ତଥ୍ୟାବଳୀକୁ ଥରୁଟିଏ ଦରଜ କରିଦେଲେ ପୁନରାୟ ଦରଜ କରିବାକୁ ପଡିବନି । ଏହି ରୂପେ ତଥ୍ୟ ଦରଜ କରାଗଲେ ଅଧିକତମ ଲାଭ ମିଳିବ । ମଷ୍ଟର୍ ରୋଲ୍‌ରେ ତଥ୍ୟ ଦରଜ କାର୍ଯ୍ୟକୁ ସରଳୀକୃତ କରିବା ପାଇଂ କେବଳ ଅନୁପସ୍ଥିତ ହେଉଥିବା ଶ୍ରମିକମାନଙ୍କ ସମ୍ବନ୍ଧରେ ତଥ୍ୟ ଦରଜ କରିବାକୁ ପଡିବ । ଅନ୍ୟ ଶ୍ରମିକମାନେ ଉପସ୍ଥିତ ଅଛନ୍ତି ବୋଲି ଆପେ ଆପେ ଚିହ୍ନିତ ହୋଇଯିବେ । ତଥ୍ୟ ଦରଜ କାର୍ଯ୍ୟ ବ୍ଲକ୍ ଠାରୁ ଉପର କୌଣସି ସ୍ତରରେ କରାଯିବା ଉଚିତ୍ ନୁହେଁ । ଯଦି ଆବଶ୍ୟକ ପଡେ, ତଥ୍ୟ ଦରଜ କାର୍ଯ୍ୟକୁ ବାହ୍ୟ ସୂତ୍ର ଦ୍ୱାରା ସମ୍ପାଦନ କରାଯାଇ ପାରେ । କିନ୍ତୁ ବ୍ଲକ୍‌ରୁ ବାହାରକୁ ଦଲିଲ୍‌ପତ୍ର ନିଆଯିବା ଉଚିତ୍ ହେବନି । କେଉଁ ବ୍ୟକ୍ତି ତଥ୍ୟ ପ୍ରସ୍ତୁତ କରିଛନ୍ତି ଓ କେଉଁ ବ୍ୟକ୍ତି ଏହା ଯାଞ୍ଚ କରିଛନ୍ତି, ଏବଂ କେଉଁ ତାରିଖରେ ଉକ୍ତ ପ୍ରସ୍ତୁତି ବା ଯାଞ୍ଚ କରାଯାଇଛି, ସେ ବିଷୟରେ ଅଧିପ୍ରମାଣର ବ୍ୟବସ୍ଥା ସ୍ଥାନିତ ହେବା ଉଚିତ୍ ।

୧୩.୫.୬ ସଫ୍ଟୱେର୍ ପ୍ରସ୍ତୁତ ତଥ୍ୟାବଳୀ ଉପରେ ନିୟନ୍ତ୍ରଣର ବ୍ୟବସ୍ଥା ଜାରି ରଖିବା ପାଇଁ ବେଶ୍ ଯତ୍ନବାନ୍ ହେବାକୁ ପଡିବ । ବ୍ୟବହାରକର୍ତ୍ତାଙ୍କ ସହ ଆନ୍ତଃ-ସଂଯୋଗ ବ୍ୟବସ୍ଥାରେ ଘନଘନ ପରିବର୍ତ୍ତନ ବାଂଛନୀୟ ନୁହେଁ । ଏମ୍.ଆଇ.ଏସ୍. ସଫ୍ଟୱେର୍‌ର ତଥ୍ୟ ସଂରଚନା ପ୍ରଣାଳୀ ଅଲଂଘନୀୟ ଅଟେ ଏବଂ କେନ୍ଦ୍ର ସରକାରଙ୍କ ଠାରୁ ମଞ୍ଜୁରି ନଆଣି କୌଣସି ସ୍ତର (ବ୍ଲକ୍, ଜିଲ୍ଲା ବା ରାଜ୍ୟ )ରେ ଏମ୍.ଆଇ.ଏସ୍. ସଫ୍ଟୱେର୍‌ରେ ନୂତନ ଫିଲ୍‌ଡ ବା ଟେବୁଲ୍ ଯୋଡି ଏହାର ତଥ୍ୟ ସଂରଚନାରେ ଅଦଳବଦଳ କରାଯିବା ଉଚିତ୍ ନୁହେଁ । ଏନ୍.ଆଇ.ସି. (ଜାତୀୟ ସୂଚନାବିଦ୍ୟା କେନ୍ଦ୍ର) ଏବଂ ଗ୍ରାମାଞ୍ଚଳ ବିକାଶ ମନ୍ତ୍ରଣାଳୟ ଦ୍ୱାରା ପ୍ରସ୍ତୁତ ଏନ୍.ଆର୍.ଇ.ଜି.ଏ.ସଫ୍ଟ ସାରା ଦେଶରେ ସର୍ବତ୍ର ବ୍ୟବହାର ହେବ ।

୧୩.୫.୭ କେତେ ବ୍‌କ୍ କାର୍ଯକ୍ଷମ ହେଲେଣି ଏବଂ କେତେ ବ୍ଲକ୍ ପାଖରେ ତାଲିମ୍‌ପ୍ରାପ୍ତ କର୍ମୀ ଅଛନ୍ତି, ତାହା ଜାଣିବା ପାଇଁ ପ୍ରତିଦିନ ଯାଞ୍ଚ କରାଯିବ ।(ଯେଉଁ ବ୍ଲକ୍‌ରେ ସମସ୍ୟା ଅଛି, ତା' ଉପରେ ନାଲିରଙ୍ଗର ସଙ୍କେତ ଦପ୍‌ଦପ୍ କରିବ) । ନିୟମିତ ଭାବେ ଏହି ବ୍ୟବସ୍ଥାକୁ ତଦାରଖ କରିବାକୁ ପଡିବ ।

୧୩.୫.୮ ବ୍ଲକ୍‌ଗୁଡିକରେ ଏମ୍.ଆଇ.ଏସ୍.ର କାର୍ଯ୍ୟକାରିତା ପାଇଁ ବ୍ଲକ୍‌ଗୁଡିକର ପୁଙ୍ଖାନୁପୁଙ୍ଖ ପରୀକ୍ଷଣ କରାଯିବା ଦରକାର ଏବଂ ସେମାନେ ଏଥିରେ ଉତ୍ତୀର୍ଣ୍ଣ ହୋଇଛନ୍ତି ବୋଲି ପାସ୍ ମାର୍କ ଦେଖାଇବାକୁ ପଡିବ । ବ୍ଲକ୍‌ରେ ଏହି ବ୍ୟବସ୍ଥା ଠିକ୍ ରୂପେ ଚାଲିଛି ବୋଲି ଦାୟିତ୍ୱଶୀଳ ବ୍ୟକ୍ତିମାନେ ପ୍ରମାଣୀକୃତ କରିବେ ।

୧୩.୫.୯ ଗୋଟିଏ ପ୍ରକଳ୍ପଗୁଚ୍ଛର ମୂଳ ଉପାଦାନ ଗୁଡିକ ଏମ୍.ଆଇ.ଏସ୍.ରେ ସ୍ଥାନିତ ହୋଇଥିବା ଆବଶ୍ୟକ । ପ୍ରକଳ୍ପଗୁଡିକ ପାଇଁ ସାଙ୍କେତିକ ଚିହ୍ନ (କୋଡ୍) ବ୍ୟବହାର କରିବାର ବ୍ୟବସ୍ଥା ଆଗତୁରା ପ୍ରସ୍ତୁତ ହୋଇଥିବା ଆବଶ୍ୟକ ।

ପ୍ରତି ଗ୍ରାମ ପଞ୍ଚାୟତ ପାଇଁ ୨ ବା ୩ଟି ପ୍ରକଳ୍ପ ଉପଲବ୍ଧ ରହିବା ଉଚିତ୍ । ପ୍ରତି କାର୍ଯ୍ୟ ପାଇଁ ମଧ୍ୟ ସାଙ୍କେତିକ ଚିହ୍ନ ବ୍ୟବହାର ହେବା ଉଚିତ୍ , ଯହିଁରୁ ଏହା ରାଜ୍ୟ କି ମଧ୍ୟବର୍ତ୍ତୀ ପଞ୍ଚାୟତ ଶ୍ରେଣୀର ଅନ୍ତର୍ଭୁକ୍ତ ତାହା ଜାଣିହେବ ।

୧୩.୫.୧୦ ଗୋଟିଏ ଦିନ ଶେଷ ହୁଅନ୍ତେ ତଥା ଗୋଟିଏ ଦିନ ଆରମ୍ଭରେ ଆର୍.ଏ.ଏସ୍ ଜରିଆରେ ସେହି ସମୟ-ଅବଧି ପାଇଁ ପ୍ରଯୁଜ୍ୟ ତଥ୍ୟାବଳୀକୁ ପ୍ରେରଣ କରିବାକୁ ପଡିବ (ଜିଲ୍ଲା ଏବଂ ରାଜ୍ୟ ଆର୍.ଏ.ଏସ୍. ଗୁଡିକୁ ସ୍ଥାନିତ ପରାଯାଇ ପାରେ) ଏବଂ ଏହି ବ୍ୟବସ୍ଥା ସେତେ ଦିନ ପର୍ଯ୍ୟନ୍ତ ଚଳାଇ ରଖିବାକୁ ପଡିବ, ଯେ ପର୍ଯ୍ୟନ୍ତ ଏସ୍.ଡବ୍ଲ୍ୟୁ.ଏ.ଏନ୍. ବା ତଥ୍ୟ ସରବରାହର ଅନ୍ୟ ବିକଳ୍ପ ପଦ୍ଧତି ପ୍ରବର୍ତ୍ତୀତ ନହୋଇଛି । ବ୍ଲକ୍‌ଗୁଡିକୁ ବିଯୋଡ ଓ ଯୋଡ ସଂଖ୍ୟାରେ ଚିହ୍ନିତ କରି ଏହି ଦୁଇ ଶ୍ରେଣୀ ପାଇଁ ତଥ୍ୟ ପ୍ରେରଣ ସକାଶେ ଅଲଗା ଅଲଗା ନିର୍ଘଣ୍ଟ ଆବଣ୍ଟନ କରିବାକୁ ପଡିବ, ଯାହା ଫଳରେ ଜିଲ୍ଲା ସ୍ତରରେ ଥିବା ସର୍ଭର୍ ଅବରୁଦ୍ଧ ହୋଇ ପଡିବନି । ତଥ୍ୟ ଦରଜ କାର୍ଯ୍ୟ ଅଫ୍-ଲାଇନ୍‌ରେ ହିଁ କରିବା ଉଚିତ୍ ।

୧୩.୫.୧୧ କମ୍ପ୍ୟୁଟର୍-ଆଧାରିତ ଏମ୍.ଆଇ.ଏସ୍. ଜରିଆରେ ଏମ୍.ପି.ଆର୍. (ମାସିକ ଅଗ୍ରଗତି ବିବରଣୀ) ପଠାଇବାକୁ ପଡିବ । ଯଦି ଆବଶ୍ୟକ ପଡେ ଗୋଟିଏ ତ୍ରୁଟି ତାଲିକା ପଠାଯିବା ଉଚିତ୍ । ଏମ୍.ପି.ଆର୍. ଦାଖଲ କରୁଥିବା ବ୍ୟକ୍ତି ତଥା ତାକୁ ପ୍ରମାଣୀକୃତ କରୁଥିବା ବ୍ୟକ୍ତିଙ୍କର ର ନାମ, ପଦବୀ ଏବଂ ତାରିଖ ସେଥିରେ ସୂଚୀତ ହୋଇଥିବା ଉଚିତ୍ । ଏମ୍.ପି.ଆର୍. ପଠାଉଥିବା ବ୍ୟକ୍ତିଙ୍କର ବୃଦ୍ଧାଙ୍ଗୁଳି ଛାପର ଚିତ୍ର-ଉତ୍ତୋଳନ କରି ପାରୁଥିବା ଗୋଟିଏ ଯନ୍ତ୍ର ପ୍ରତି ବ୍ଲକ୍‌ରେ ସ୍ଥାପିତ ହେବା ଉଚିତ୍ ।

୧୩.୫.୧୨ ଗୋଟିଏ ବ୍ଲକ୍‌ର ଆକାରକୁ ଦୃଷ୍ଟିରେ ରଖି ପ୍ରତି ବ୍ଲକ୍‌ରେ ୫ଟାରୁ ୧୦ଟା ନୋଡ୍‌କୁ ନେଇ ଗୋଟିଏ ଲେଖାଁ କ୍ଷୁଦ୍ର ଲାନ୍ (ଲୋକାଲ୍ ଏରିଆ ନେଟ୍‌ୱାର୍କ) ସ୍ଥାପିତ ହେବା ଉଚିତ୍ ।

୧୩.୫.୧୩ ଜିଲ୍ଲା ଗୋଷ୍ଠୀଙ୍କୁ ଶକ୍ତିସଂପନ୍ନ କରିବାକୁ ପଡିବ । ଜିଲ୍ଲା ସ୍ତରରେ ଥିବା ଅତିରିକ୍ତ ପ୍ରକଳ୍ପ ଅଧିକାରୀ ତଥ୍ୟାବଳୀର ଦାୟିତ୍ୱ ଉପଯୁକ୍ତ ବ୍ୟକ୍ତିମାନଙ୍କୁ ନ୍ୟସ୍ତ କରିବା ଦରକାର । ଏହିସବୁ ଅଧିକାରୀମାନଙ୍କ ନାମ ସଂଗ୍ରହ କରିବାକୁ ପଡିବ ଓ ଅଗ୍ରଗତିର ନିୟମିତ ତଦାରଖ ବିଷୟରେ ସେମାନଙ୍କୁ (୧୨୦୦ରୁ ୧୪୦୦ ପର୍ଯ୍ୟନ୍ତ) ତାଲିମ୍ ଦେବାକୁ ହେବ ।

୧୩.୫.୧୪ ଏନ୍.ଆଇ.ସି. ଗୋଷ୍ଠୀ ଉପରୋକ୍ତ ଗୋଷ୍ଠୀଙ୍କ ସହିତ ମିଶି ତଥ୍ୟ କେନ୍ଦ୍ରର ପରିଚାଳନା ପାଇଁ କାର୍ଯ୍ୟ କରିବେ । ଗୋଟିଏ ଏନ୍.ଆଇ.ସି. ଗୋଷ୍ଠୀ ଖୋଲା ବଜାରରୁ ନିଯୁକ୍ତ ହୋଇଥିବା ଦୁଇ ତିନି ଜଣ ବ୍ୟକ୍ତିଙ୍କୁ ନେଇ ଗଠିତ ହେବ । ଏହାକୁ କେନ୍ଦ୍ର ସରକାର ସ୍ୱତନ୍ତ୍ର ଭାବେ ପାଣ୍ଠି ଯୋଗାଇବେ ।

୧୩.୫.୧୫ ୫ଟାରୁ ୧୦ଟା ନୋଡ୍ (ରାଜ୍ୟର ଆକାରକୁ ଦୃଷ୍ଟିରେ ରଖି)କୁ ନେଇ ଏକ ରାଜ୍ୟ ଲାନ୍ ସ୍ଥାପନା ପାଇଁ ରାଜ୍ୟ ସରକାର ସ୍ଥାନର ବ୍ୟବସ୍ଥା କରିବା ଉଚିତ୍ । ଏମ୍.ଆଇ.ଏସ୍.କୁ ବ୍ୟବହାର କରିବା କ୍ଷେତ୍ରରେ ବ୍ଲକ୍ ଓ ଡି.ପି.ସି. (ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ) ମାନେ ସମ୍ମୁଖୀନ ହେଉଥିବା ସମସ୍ୟାଗୁଡିକ ଉପରେ ସମାଧାନ ବତାଇବା ପାଇଁ ମାନବ-କଣ୍ଠସ୍ୱର ଦ୍ୱାରା କ୍ରିୟାଶୀଳ ହେଉଥିବା ଉତ୍ତର-ବ୍ୟବସ୍ଥା ବହନ କରିଥିବା ଏକ ସହାୟତା (ହେଲପ୍‌ଲାଇନ୍) ନମ୍ବରର ସୁବିଧା ବାହ୍ୟସୂତ୍ରର ସହଯୋଗରେ ରାଜ୍ୟ ସ୍ତରରେ ସ୍ଥାନିତ ହେବା ଉଚିତ୍ ।

୧୩.୫.୧୬ ତଥ୍ୟ ସରବରାହରେ ଅନୁଭୂତ ହେଉଥିବା ସମସ୍ୟାବଳୀର ସମୀକ୍ଷଣ ପାଇଁ ଜିଲ୍ଲା ସ୍ତରରେ ପ୍ରତି ସଂଧ୍ୟାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହେବା ଉଚିତ୍ ।

୧୩.୫.୧୭ ପ୍ରଶିକ୍ଷକମାନଙ୍କର ପ୍ରଶିକ୍ଷଣ ଆୟୋଜିତ ହେବା ଉଚିତ୍ । ଗ୍ରା.ପ., ବ୍ଲକ୍ ଏବଂ ଜିଲ୍ଲା ସ୍ତରରେ ପ୍ରଶିକ୍ଷଣ ପ୍ରଦାନ ପାଇଁ ପ୍ରଶିକ୍ଷାର୍ଥୀମାନଙ୍କର ତାଲିକା ପ୍ରସ୍ତୁତ ହେବା ଉଚିତ୍ । ପ୍ରଶିକ୍ଷଣର ଲକ୍ଷ୍ୟ ହେବା ଉଚିତ୍, ଗ୍ରା.ପ. ଓ ବ୍ଲକ୍ କାର୍ଯ୍ୟାଳୟ ସ୍ତରରେ ମୂଳ ରେକର୍ଡ ତଥା ମୁଖ୍ୟ ରେଜିଷ୍ଟର୍ ଗୁଡିକ ଯଥାର୍ଥ ଢଙ୍ଗରେ ରକ୍ଷଣାବେକ୍ଷଣ ତଥା ଏନ୍.ଆର୍.ଇ.ଜି.ଏ. ସଫ୍ଟୱେର୍‌ର ସର୍ବାଧିକ ଉପଯୋଗକୁ ସୁନିଶ୍ଚିତ କରିବା । ଗ୍ରାମ ରୋଜଗାର ସହାୟକ ଏବଂ ସାଥୀମାନଙ୍କୁ ମଧ୍ୟ ପ୍ରଶିକ୍ଷଣ

ଦେବା ଗୁରୁତ୍ୱପୂର୍ଣ୍ଣ, ଯାହା ଫଳରେ ସେମାନେ ରେକର୍ଡପତ୍ରର ରକ୍ଷଣାବେକ୍ଷଣ ଏବଂ କମ୍ପ୍ୟୁଟର୍-ପରିଚାଳିତ ଏମ୍.ଆଇ.ଏସ୍.ର କାର୍ଯ୍ୟପଦ୍ଧତି ଭିତରେ ଥିବା ସଂପର୍କକୁ ବୁଝିପାରିବେ ।

୧୩.୫.୧୮ ଜାମ୍ମୁ ଓ କାଶ୍ମୀର ଏବଂ ଉତ୍ତରପୂର୍ବ ରାଜ୍ୟମାନଙ୍କରେ ଏନ୍.ଆର୍.ଇ.ଜି.ଏ.ର ଏମ୍.ଆଇ.ଏସ୍.କୁ କ୍ରିୟାଶୀଳ କରିବା ପାଇଁ ସି.ଆଇ.ସି.କୁ ବ୍ୟବହାର କରାଯିବାର ପ୍ରସ୍ତାବକୁ ବିଚାର କରାଯାଇପାରେ ।

୧୩.୫.୧୯ ରାଜ୍ୟ, କେନ୍ଦ୍ର ଓ ଜିଲ୍ଲା ସ୍ତରରେ ଚର୍ଚ୍ଚା ଦଳ (ଚ୍ୟାଟ୍ ଗ୍ରୁପ୍) ସ୍ଥାପନା କରାଯାଇପାରେ । କାର୍ଯ୍ୟର ଅଗ୍ରଗତି ବିଷୟରେ ଆଲୋଚନା କରିବା ପାଇଁ ଦୈନିକ ଚର୍ଚ୍ଚା ଅଧିବେଶନ ଆୟୋଜନ ସକାଶେ ସୁବିଧା ସୃଷ୍ଟି କରିବା ଉଚିତ୍ ।

୧୩.୫.୨୦ ଆଇ.ସି.ଟି. ଏବଂ ଉମେନ୍ ଟିମ୍ ଏକ ମିଳିତ ଦଳ ରୂପେ କାର୍ଯ୍ୟ କରିବା ଜରୁରୀ, କାରଣ ସେମାନଙ୍କର ସମନ୍ୱୀତ କାର୍ଯ୍ୟ ଉପରେ ଏମ୍.ଆଇ.ଏସ୍.ର କାର୍ଯ୍ୟକାରିତା ଅତ୍ୟନ୍ତ ଗଭୀର ଭାବେ ନିର୍ଭର କରେ ।

୧୩.୫.୨୧ ପ୍ରତି ରାଜ୍ୟରେ ଏମ୍.ଆଇ.ଏସ୍.ର ପରିଚାଳନା ପାଇଁ ସୂଚନା ପ୍ରଯୁକ୍ତିବିଦ୍ୟା ସଚିବ, ଶକ୍ତି ସଚିବ ଏବଂ ବି.ଏସ୍.ଏନ୍.ଏଲ୍. ପ୍ରତିନିଧିଙ୍କୁ ସଭ୍ୟ ଭାବେ ନେଇ ରାଜ୍ୟ ସ୍ତରରେ ଏକ ପ୍ରମୁଖ ଗୋଷ୍ଠୀ ଗଠିତ ହେବା ଉଚିତ୍ ଏବଂ ସେମାନେ ବ୍ଲକ୍ ଏବଂ ଜିଲ୍ଲା ଗୁଡିକରେ ଏମ୍.ଆଇ.ଏସ୍.ର ପରିଚାଳନାରେ ଅଗ୍ରଗତିକୁ ସମୀକ୍ଷା କରିବେ । ସେମାନେ ଅନ୍ତତଃ ଅଧଘଣ୍ଟା ପାଇଁ ଏକ ବୈଠକରେ ମିଳିତ ହୋଇ ରାଜ୍ୟର ସ୍ଥିତିକୁ ସମୀକ୍ଷା କରିବେ ଏବଂ ଉପସ୍ଥିତ ସମସ୍ୟାବଳୀର ସମାଧାନ ପାଇଁ କେନ୍ଦ୍ର ଠାରୁ ଯେଉଁ ପ୍ରକାର ସହାୟତା ଆବଶ୍ୟକ ସେ ବିଷୟରେ ସୂଚନା ଦେଇ ଏକ ରିପୋର୍ଟ କେନ୍ଦ୍ର ସରକାରଙ୍କ ନିକଟକୁ ପଠାଇବେ ।

## ୧୩.୬ କର୍ମନିଯୁକ୍ତି ଗ୍ୟାରେଣ୍ଟି ୱେବ୍‌ସାଇଟ୍

୧୩.୬.୧ ରାଜ୍ୟ ସରକାରଙ୍କ ଦ୍ୱାରା ସ୍ୱତନ୍ତ୍ର ଭାବେ ଏକ ଏନ୍.ଆର୍.ଇ.ଜି.ଏସ୍. ୱେବ୍‌ସାଇଟ୍ ନିର୍ମାଣ କରାଯିବ । ଇଣ୍ଟରନେଟ୍‌ରେ ଏନ୍.ଆର୍.ଇ.ଜି.ଏସ୍. ସଂପର୍କୀତ ଦଲିଲ୍‌ଗୁଡିକୁ ଗୋଟିଏ ସୁସମନ୍ୱୀତ ସୂତ୍ରରୁ ହାସଲ କରିବା ପାଇଁ ଏହି ୱେବ୍‌ସାଇଟ୍ ସହାୟକ ହେବ ।

୧୩.୬.୨ ସର୍ବସାଧାରଣ ଯେବେ ଚାହିଁବେ, ସେମାନେ ଏନ୍.ଆର୍.ଇ.ଜି.ଏସ୍. ସଂପର୍କୀତ ପ୍ରମୁଖ ଦଲିଲ୍‌ଗୁଡିକୁ ଇଣ୍ଟରନେଟ୍‌ରୁ ହାସଲ କରିପାରିବେ ତଥା ସେହି ଦଲିଲ୍‌ଗୁଡିକ ମଧ୍ୟ ଏନ୍.ଆର୍.ଇ.ଜି.ଏସ୍. ୱେବ୍‌ସାଇଟ୍‌ରେ ସ୍ଥାନିତ ହୋଇଥିବ । ଏପ୍ରକାର ଦଲିଲ୍‌ଗୁଡିକର ଏକ ପ୍ରାଥମିକ ତାଲିକା ସଂଲଗ୍ନ ନଥିସଂଖ୍ୟା ଏ-୬ରେ ସୂଚୀତ ହୋଇଛି । ଏହି ଦଲିଲ୍‌ଗୁଡିକ ଇଲେକ୍ଟ୍ରନିକ ରୂପରେ ପ୍ରସ୍ତୁତ ହେବାର ଏକ ସପ୍ତାହ ମଧ୍ୟରେ ଏନ୍.ଆର୍.ଇ.ଜି.ଏସ୍. ୱେବ୍‌ସାଇଟ୍‌କୁ ଉତ୍‌ପ୍ରେରିତ ହେବା ଉଚିତ୍ ।

୧୩.୬.୩ ପ୍ରଯୁକ୍ତିକୌଶଳ-ଜନିତ ନୂଆନୂଆ ସମ୍ଭାବନା ସୃଷ୍ଟି ହୋଇଚାଲିବା ସହିତ ଅନ୍ୟାନ୍ୟ ପ୍ରମୁଖ ଦଲିଲ୍‌ମାନ, ଯଥା, ମଷ୍ଟର୍ ରୋଲ୍, ଭାଉଚର୍, ମାପଚୁପ ବହି ଏବଂ ବିନିଯୋଗ ପ୍ରମାଣପତ୍ରସମୂହକୁ ଆର୍.ଇ.ଜି.ଏସ୍. ୱେବ୍‌ସାଇଟ୍‌ରେ ସ୍ଥାନିତ କରିବା ପାଇଁ ପ୍ରୟାସ କରାଯିବା ଉଚିତ୍ ।

## ୧୩.୭ ବୈଷୟିକ ସମ୍ବଳ ସହାୟତା ପାଇଁ ବ୍ୟୟ

**୧୩.୭.୧** ମନ୍ତ୍ରଣାଳୟ ଦ୍ୱାରା ସମୟାନ୍ତରରେ ବିନିର୍ଦ୍ଦିଷ୍ଟ ହେଉଥିବା ମାନଦଣ୍ଡକୁ ଭିତ୍ତି କରି ପ୍ରଶାସନିକ ବ୍ୟୟ ପାଇଁ ଆବଣ୍ଟିତ ଅର୍ଥରାଶି ମଧ୍ୟରୁ ଗୁଣାତ୍ମକ ନିୟନ୍ତ୍ରଣ ପାଇଁ ଆବଶ୍ୟକ ହେଉଥିବା ବ୍ୟୟ ବହନ କରାଯାଇପାରେ ।